# NATIONAL NEWS BULLETIN (ODIA)

## 25 August - 2024

## Morning Bulletin : 7.15 A.M.

******************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେବେ ଉଦ୍‌ବୋଧନ ।
- କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ଏକୀକୃତ ପେନ୍‌ସନ ଯୋଜନା ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ ।
- ମାଓବାଦ କାର୍ଯ୍ୟକଳାପ ବିରୁଦ୍ଧରେ ପଦକ୍ଷେପ ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଞ୍ଚିଛି - କହିଲେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ।
- ବ୍ରାଜିଲର ବୈଦେଶିକ ମନ୍ତ୍ରୀ ମାଉରୋ ଭିଏରାଙ୍କ ଆଜିଠାରୁ ଚାରିଦିନିଆ ଭାରତ ଗସ୍ତ ।

ଏବଂ

- ୧୫ବର୍ଷରୁ କମ୍ ଏସୀୟ ବ୍ୟାଡମିଣ୍ଟନ ଚାମ୍ପିୟନସିପ୍ ଏକକ ବାଳିକା ପର୍ଯ୍ୟାୟର ଫାଇନାଲରେ ପହଞ୍ଚିଲେ ଭାରତର ତନ୍ୱି ପତ୍ରି ।

## ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ହେବ ମନ କି ବାତ୍‌ର ୧୧୩ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ Appରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ Live Streaming ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## କ୍ୟାବିନେଟ୍

କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ଏକୀକୃତ ପେନ୍‌ସନ ଯୋଜନା ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକ ପରେ ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହା କହିଛନ୍ତି । ସେ କହିଛନ୍ତି ପେନ୍‌ସନ୍ ଅର୍ଥ ପ୍ରଦାନ

୩ଟି ପର୍ଯ୍ୟାୟ ଆଧାରରେ ପ୍ରଦାନ କରାଯିବ । ସର୍ବନିମ୍ନ ୨୫ ବର୍ଷ ଚାକିରୀ ପରେ ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କୁ ଶେଷ ୧୨ ମାସ ମଧ୍ୟରେ ପ୍ରଦାନ କରାଯାଇଥିବା ମୂଳ ଦରମାର ୫୦ ପ୍ରତିଶତ ପେନ୍‌ସନ ଆକାରରେ ପ୍ରଦାନ କରାଯିବ । ଅବସରପ୍ରାପ୍ତ କର୍ମଚାରୀଙ୍କ ମୃତ୍ୟୁ ପରେ ପ୍ରଦାନ କରାଯାଉଥିବା ପେନ୍‌ସନ୍‌ର ୬୦ ପ୍ରତିଶତ ପରିବାର ପେନ୍‌ସନ୍ ଆକାରରେ ପ୍ରଦାନ କରାଯିବ । ତେବେ ୧୦ ବର୍ଷ ଚାକିରୀ କରି ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କୁ ଅତିକମ୍‌ରେ ମାସିକ ୧୦ହଜାର ଟଙ୍କା ଲେଖାଏଁ ପେନ୍‌ସନ ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଛି ।

ମୁଦ୍ରାସ୍ଫୀତି ସୂଚକାଙ୍କ ଭିତ୍ତିରେ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ପେନ୍‌ସନ୍‌ରେ ମଧ୍ୟ ଆବଶ୍ୟକ ବୃଦ୍ଧି କରାଯିବ । ସେବା କର୍ମଚାରୀଙ୍କ ଭଳି ଶିଳ୍ପ କ୍ଷେତ୍ରରେ କାର୍ଯ୍ୟକରୁଥିବା କର୍ମଚାରୀଙ୍କ ପାଇଁ ମଧ୍ୟ ସର୍ବଭାରତୀୟ ମୂଲ୍ୟ ସୂଚକାଙ୍କ ଆଧାରରେ ମହଙ୍ଗାଭତ୍ତା ପ୍ରଦାନ କରାଯିବ । ଅବସର ସମୟରେ ଗ୍ରାଚ୍ୟୁଇଟି ସହିତ ଅନ୍ୟାନ୍ୟ ଭତ୍ତା ଏକସଙ୍ଗେ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଏହାଦ୍ୱାରା ୨୩ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ ସୁଫଳ ପାଇବେ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ସେ କହିଛନ୍ତି ଏହି ନୂତନ ପେନ୍‌ସନ ଯୋଜନା ଆସନ୍ତା ବର୍ଷ ଏପ୍ରିଲ ପହିଲାରୁ ଲାଗୁ କରାଯିବ ।

ଶ୍ରୀ ବୈଷ୍ଣବ କହିଛନ୍ତି ଅନ୍ୟାନ୍ୟ ବିଭିନ୍ନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଅନ୍ୟକେତେକ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ତିନୋଟି କେନ୍ଦ୍ରୀୟ ଯୋଜନାକୁ ଏକ ଏକୀକୃତ କେନ୍ଦ୍ରୀୟ ଯୋଜନା ବିଜ୍ଞାନ ଧାରା ଅଧୀନରେ କାର୍ଯ୍ୟକାରୀ କରିବା ସହ ଏଥିପାଇଁ ୧୦ହଜାର ୫ଶହ ଅଣାଅଶୀ କୋଟି ଟଙ୍କା ବ୍ୟୟ ଅଟକଳକୁ କ୍ୟାବିନେଟ୍ ଅନୁମୋଦନ କରିଛି । ଏହି ଯୋଜନାଗୁଡ଼ିକ ହେଉଛି ସଂସ୍ଥାଗତ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା, ଦକ୍ଷତା ବିକାଶ, ଗବେଷଣା ବିକାଶ ଏବଂ ଉଦ୍ଭାବନ, ପ୍ରଯୁକ୍ତି ବିକାଶ ଓ ନିୟୋଜନ ବୋଲି ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି ।

# ପିଏମ୍-କ୍ୟାବିନେଟ୍

ଦେଶ ଗଠନରେ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଯୋଗଦାନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଚ୍ଚ ପ୍ରଶଂସା କରିଛନ୍ତି । କ୍ୟାବିନେଟ୍ ବୈଠକ ପରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି ନୂତନ ପେନ୍‌ସନ ଯୋଜନା କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଅବସର ପରେ ଆର୍ଥିକ କ୍ଷେତ୍ରକୁ ସୁଦୃଢ଼ କରିବ । ଏହି ପଦକ୍ଷେପ କର୍ମଚାରୀଙ୍କ କଲ୍ୟାଣ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ସୁଚାଉଛି ବୋଲି ସେ କହିଛନ୍ତି । ବିଜ୍ଞାନଧାରା ଯୋଜନା ଦେଶରେ ଉଦ୍ଭାବନ, ଗବେଷଣା, ପରିବେଶ ସୁରକ୍ଷା ଏବଂ ଯୁବବର୍ଗଙ୍କୁ ପ୍ରୋତ୍ସାହିତ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ପିଏମ୍-ମହାରାଷ୍ଟ୍ର-ରାଜସ୍ଥାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମହାରାଷ୍ଟ୍ରର ଜଲଗାଓଁ ଓ ରାଜସ୍ଥାନର ଜୋଧପୁର ଗସ୍ତ କରିବେ । ସକାଳେ ସେ ଜଲଗାଓଁରେ ଅନୁଷ୍ଠିତ ଲକ୍ଷପତି ଦିଦି ସମ୍ମିଳନୀରେ ଯୋଗଦେବେ । ସେଠାରେ ସେ ୧୧ଲକ୍ଷ ନୂଆ ଲକ୍ଷପତି ଦିଦିଙ୍କୁ ପ୍ରମାଣପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିବେ । ଏହି ୧୧ଲକ୍ଷ ମହିଳା, ଏନ୍.ଡି.ଏ. ସରକାରଙ୍କ ତୃତୀୟ ପାଳିରେ ଲକ୍ଷପତି ହୋଇପାରିଛନ୍ତି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ସାରା ଦେଶର ଲକ୍ଷପତି ଦିଦିଙ୍କ ସହ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଭାବବିନିମୟ କରିବେ ।  ୪୮ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ କଲ୍ୟାଣ ପାଇଁ ପ୍ରଧାନମନ୍ତ୍ରୀ ୨ହଜାର ୫୦୦ କୋଟି ଟଙ୍କାର ଏକ ସ୍ଥାୟୀ ପାଣ୍ଠିର ଶୁଭାରମ୍ଭ କରିବେ । ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୨୬ ଲକ୍ଷ ସଦସ୍ୟଙ୍କ ସୁବିଧା ପାଇଁ ସେ ୫ ହଜାର କୋଟି ଟଙ୍କାର ବ୍ୟାଙ୍କ୍ ଋଣ ପ୍ରଦାନ କରିବେ ।

ସୂଚନା ଯୋଗ୍ୟ କେନ୍ଦ୍ର ସରକାରଙ୍କ ଲକ୍ଷପତି ଦିଦି ଯୋଜନା କାର୍ଯ୍ୟକାରୀ ହେବା ପରେ ପ୍ରାୟ ୧ କୋଟି ମହିଳା ଲକ୍ଷପତି ହୋଇପାରିଛନ୍ତି । ଦେଶରେ ତିନି କୋଟି ଲକ୍ଷପତି ଦିଦି କରିବାକୁ ସରକାର ଲକ୍ଷ ରଖିଛନ୍ତି ।

ପ୍ରଧାନମନ୍ତ୍ରୀ ଆଜି ସନ୍ଧ୍ୟାରେ ରାଜସ୍ଥାନର ଜୋଧପୁରରେ ପହଞ୍ଚିବେ । ସେଠାରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟର ପ୍ଲାଟିନମ୍ ଜୁବ୍‌ଲି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେବେ । ଏହି ଅବସରରେ

ପ୍ରଧାନମନ୍ତ୍ରୀ ସେଠାରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟର ଏକ ସଂଗ୍ରହାଳୟକୁ ଉନ୍ମୋଚନ କରିବେ ।

## ଛତିଶଗଡ-ଅମିତ ଶାହା

ମାଓବାଦ କାର୍ଯ୍ୟକଳାପ ବିରୁଦ୍ଧରେ ସରକାରଙ୍କ ପଦକ୍ଷେପ ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଞ୍ଚିଛି ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି । ଛତିଶଗଡ ଗସ୍ତ ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଶାହା କହିଛନ୍ତି ଆସନ୍ତା ୨୦୨୬ ମାର୍ଚ୍ଚ ସୁଦ୍ଧା ନକ୍ସଲ ସମସ୍ୟାକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବାକୁ ଲକ୍ଷ୍ୟ ରଖାଯାଇଛି । ମାଓବାଦୀଙ୍କ ଆତ୍ମ ସମର୍ପଣ ପାଇଁ ଛତିଶଗଡ ସରକାର ଖୁବ୍‌ଶୀଘ୍ର ଏକ ନୂଆ ନୀତି ପ୍ରଣୟନ କରିବେ ବୋଲି ଶ୍ରୀ ଶାହା ଏହି ଅବସରରେ ସୂଚନା ଦେଇଛନ୍ତି । ମାଓ ପ୍ରଭାବିତ ଅଞ୍ଚଳରେ ଆଇନ୍ ଶୃଙ୍ଖଳା ସୁରକ୍ଷା ଏବଂ ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି । ରାୟପୁରଠାରେ ଶ୍ରୀ ଶାହାଙ୍କ ଅଧ୍ୟକ୍ଷତାରେ ଗତକାଲି ଆନ୍ତଃରାଜ୍ୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଛତିଶଗଡ ସମେତ ୭ଟି ରାଜ୍ୟର ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକ ଯୋଗ ଦେଇଥିଲେ । ଏହି ରାଜ୍ୟଗୁଡ଼ିକ ହେଉଛି ଝାଡ଼ଖଣ୍ଡ, ଓଡ଼ିଶା, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଏବଂ ମହାରାଷ୍ଟ୍ର । ଛତିଶଗଡକୁ ତିନିଦିନିଆ ଗସ୍ତରେ ଯାଇଥିବା ମନ୍ତ୍ରୀ ଶ୍ରୀ ଶାହା କେତେକ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବା ସହ

ଜନସଚେତନତା କାର୍ଯ୍ୟକ୍ରମରେ ଯୋଗଦେବେ । ଏହି ଅବସରରେ ଛତିଶଗଡଠାରେ ଆୟୋଜିତ ହେବାକୁ ଥିବା ସମବାୟ ସମ୍ପ୍ରସାରଣ ସମ୍ପର୍କିତ ଏକ ବୈଠକରେ ଶ୍ରୀ ଶାହା ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

# ବ୍ରାଜିଲ ଏଫ୍‌ଏମ୍ ଇଣ୍ଡିଆ ଭିଜିଟ୍

ବ୍ରାଜିଲର ବୈଦେଶିକ ମନ୍ତ୍ରୀ ମାଉରୋ ଭିଏରା ଏକ ଚାରିଦିନିଆ ଭାରତ ଗସ୍ତରେ ଆସି ଆଜି ନୂଆଦିଲ୍ଲୀରେ ପହଞ୍ଚିବେ । ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ସହ ଶ୍ରୀ ଭିଏରା ମଙ୍ଗଳବାର ଦିନ ଅନୁଷ୍ଠିତ ହେବାକୁ ଥିବା ନବମ ଭାରତ-ବ୍ରାଜିଲ୍ ଯୁଗ୍ମ ଆୟୋଗ ବୈଠକରେ ସହ-ଅଧ୍ୟକ୍ଷତା କରିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଭାରତର ଜି-୨୦ ଅଧ୍ୟକ୍ଷତା ସମୟରେ ଦିଆଯାଇଥିବା ନିଷ୍ପତ୍ତି ଗୁଡ଼ିକର କାର୍ଯ୍ୟକାରୀତା ନେଇ ଶ୍ରୀ ଭିଏରା ତାଙ୍କ ଗସ୍ତ ସମୟରେ ଆଲୋଚନା କରିବାର ସମ୍ଭାବନା ରହିଛି । ସୂଚନାଯୋଗ୍ୟ ବ୍ରାଜିଲ ଚଳିତବର୍ଷ ଜି-୨୦ ରାଷ୍ଟ୍ରଗୋଷ୍ଠୀ ସଂଘର ଅଧ୍ୟକ୍ଷତା କରୁଛି । ଭାରତ ଏବଂ ବ୍ରାଜିଲ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଶ୍ରୀ ଭିଏରାଙ୍କ ଗସ୍ତର ଅନ୍ୟତମ ଉଦ୍ଦେଶ୍ୟ ବୋଲି ବୈଦେଶିକ ମନ୍ତ୍ରଣାଳୟ କହିଛି ।

# ନେପାଳ ଆକ୍ସିଡେଣ୍ଟ

ନେପାଳ ବସ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀଙ୍କର ନିକଟ ସମ୍ପର୍କୀୟଙ୍କ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨ଲକ୍ଷ ଟଙ୍କା ଲେଖାଏଁ

ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଏହି ଅର୍ଥ ପ୍ରଦାନ କରାଯିବ । ଆହତଙ୍କ ପାଇଁ ୫୦ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରାଯାଇଛି ।

ସୂଚନାଯୋଗ୍ୟ ନେପାଳର ତାନାହୁ ଅଞ୍ଚଳରେ ଏକ ବସ୍ ଦୁର୍ଘଟଣାରେ ୨୭ଜଣ ଭାରତୀୟଙ୍କର ମୃତ୍ୟୁ ହୋଇଥିଲା । ଇତିମଧ୍ୟରେ ୨୫ଜଣଙ୍କର ମୃତ ଶରୀର ଗତକାଲି ମହାରାଷ୍ଟ୍ରର ଜଲଗାଓଁଠାରେ ଆସି ପହଞ୍ଚିଛି । ବାୟୁସେନାର ଏକ ସ୍ୱତନ୍ତ୍ର ବିମାନଯୋଗେ ଏହି ମୃତଦେହ ଗୁଡ଼ିକୁ ଅଣାଯାଇଛି । ଜଲଗାଓଁଠାରେ ଆମ୍ବୁଲାନ୍ସ ଯୋଗେ ମୃତଦେହଗୁଡ଼ିକୁ ସେମାନଙ୍କ ପୈତୃକ ସ୍ଥାନକୁ ନିଆଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ । ନେପାଳରେ ଚିକିତ୍ସାଧୀନ ଥିବା ଆହତଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ଗୁରୁତର ରହିଛି ବୋଲି ମହାରାଷ୍ଟ୍ର ସରକାରଙ୍କ ତରଫରୁ ସୂଚନା ଦିଆଯାଇଛି । କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡା ରାଷ୍ଟ୍ର ମନ୍ତ୍ରୀ ରକ୍ଷା ଖଡ଼୍‌ସେ ଆଜି କାଠମାଣ୍ଡୁ ଗସ୍ତରେ ଯାଇ ପରିସ୍ଥିତିର ସମୀକ୍ଷା କରିବା ସହ ଅନ୍ୟ ୨ଜଣଙ୍କର ମୃତ ଶରୀର ଫେରାଇ ଆଣିବାର ବ୍ୟବସ୍ଥା କରିବେ ।

## ସିବିଆଇ-ଆର୍‌ଜିକର

କୋଲକାତା ଆର୍‌ଜିକର ମେଡ଼ିକାଲ କଲେଜ ଓ ହସ୍ପିଟାଲ ଡାକ୍ତରୀ ଛାତ୍ରୀ ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ ସିବିଆଇ କଲେର ଅଧ୍ୟକ୍ଷ ସନ୍ଦିପ

ଘୋଷଙ୍କ ପଲିଗ୍ରାଫ ଟେଷ୍ଟ କରିଛି ।  ଶ୍ରୀ ଘୋଷଙ୍କ ସହ ଅନ୍ୟ ୭ଜଣଙ୍କର ମଧ୍ୟ ପଲିଗ୍ରାଫ ଟେଷ୍ଟ ପାଇଁ ସିବିଆଇ ପକ୍ଷରୁ ପଦକ୍ଷେପ ନିଆଯାଇଛି ।

ଅନ୍ୟପକ୍ଷରେ ଏହି ଘଟଣାରେ ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରାଏଙ୍କୁ ୧୪ଦିନିଆ ବିଚାର ବିଭାଗୀୟ ହାଜତକୁ କୋର୍ଟ ପଠାଇ ଦେଇଛନ୍ତି । ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ସିବିଆଇ ତତ୍ତ୍ୱାବଧାନରେ ସେ ରହିବେ ବୋଲି ଜଣାପଡିଛି ।

## ବ୍ୟାଡମିଣ୍ଟନ ଏସିଆ ଜୁନିୟର ଚାମ୍ପିୟନସିପ

ଚୀନ୍‌ର ଚେଙ୍ଗଡୁଠାରେ ଚାଲିଥିବା ଏସିଆ ୧୫ ବର୍ଷରୁ କମ୍ ଏବଂ ୧୭ବର୍ଷରୁ କମ୍ ଚାମ୍ପିୟନସିପ୍ ପ୍ରତିଯୋଗିତାରେ ଭାରତର ତନ୍ୱି ପତ୍ରୀ ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ବାଲିକା ୧୫ ବର୍ଷରୁ କମ୍ ଏକକ ବର୍ଗରେ ତନ୍ୱି ସେମିଫାଇନାଲ ପର୍ଯ୍ୟାୟରେ ଥାଇଲାଣ୍ଡର କାଙ୍ଗ କାୟୁ କାକାନିକ୍‌ଙ୍କୁ ୨୧-୧୯ ଏବଂ ୨୧-୧୦ ପଏଣ୍ଟରେ ପରାସ୍ତ କରିଥିଲେ । ଫାଇନାଲରେ ତନ୍ୱି ଏବଂ ଭିଏତ୍‌ନାମର ଏନ୍‌ଗୁଏନ ଥି ଥୁ ହୁଏଜେନ୍‌ଙ୍କ ମଧ୍ୟରେ ମୁକାବିଲା ହେବ ।

ଅନ୍ୟପକ୍ଷରେ ୧୭ବର୍ଷରୁ କମ୍ ବାଳକ ଏକକ ବର୍ଗରେ ଭାରତର ଘନ ଦତ୍ତୁ ପରାସ୍ତ ହୋଇଛନ୍ତି । ସେମିଫାଇନାଲ ପର୍ଯ୍ୟାୟରେ ଦତ୍ତୁଙ୍କୁ ଇଣ୍ଡୋନେସିଆର ପ୍ରତିଯୋଗୀ ହରାଇ ଦେଇଛନ୍ତି । ତେବେ ଘନୁ ଦତ୍ତୁ ଏହି ପ୍ରତିଯୋଗିତାରେ କାଂସ୍ୟ ପଦକ ହାସଲ କରିଛନ୍ତି ।